ବର୍ମିଂହାମ: ଭାରତୀୟ ମହିଳା ବକ୍ସର ତଥା ଗତ ବର୍ଷର ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଥିବା ଲୋଭଲିନାଙ୍କ କୋଚଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡା ଭିଲେଜରେ ପ୍ରବେଶ ଅନୁମତି ମିଳିଲା ନାହିଁ। ଗତକାଲି ଭାରତୀୟ ବକ୍ସିଂ ଦଳ ଆୟାର୍ଲାଣ୍ଡରେ ତାଲିମ କାର୍ଯ୍ୟକ୍ରମ ସାରି ଏଠାରେ ପହଞ୍ଚିଥିଲେ। ମାତ୍ର ଆକ୍ରିଡିଏସନ ନ ଥିବାରୁ ଲୋଭଲିନାଙ୍କ ବ୍ୟକ୍ତିଗତ କୋଚ ସଂଧ୍ୟା ଗୁରୁଙ୍ଗଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡା ଭିଲେଜରେ ପ୍ରବେଶ କରିବା ପାଇଁ ଅନୁମତି ମିଳି ନ ଥିଲା। ଏହି ଘଟଣା ନେଇ ଲୋଭଲିନା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ ମୋ ବ୍ୟକ୍ତିଗତ କୋଚଙ୍କୁ ମାନସିକ ସ୍ତରରେ ଯନ୍ତ୍ରଣା ଦିଆ ଯାଉଛି। ତେଣୁ ଏହା ମୋ ପାଇଁ ବଡ ଦୁଃଖର ବିଷୟ। ଏହି ଘଟଣା ନେଇ ମୁଁ ମର୍ମାହତ ହେବା ସହିତ ତାଲିମ କାର୍ଯ୍ୟରେ ବିଶେଷ ସମସ୍ୟା ଅନୁଭବ କରୁଛି। କାରଣ କୋଚଙ୍କ ଯୋଗୁଁ ଟୋକିଓ ଅଲିମ୍ପିକ୍ସରେ ପଦକ ହାସଲ କରିଥିଲି। ତେବେ ରାଜ୍ୟଗୋଷ୍ଠୀ କ୍ରୀଡାରେ ମୋ ବ୍ୟକ୍ତିଗତ କୋଚ ସାଥୀରେ ରହିଥିଲେ ଭଲ ପ୍ରଦର୍ଶନ ପାଇଁ ଅଧିକ ଉତ୍ସାହୀ ହୋଇ ପାରିଥାନ୍ତି। ତେବେ ମୋ କୋଚଙ୍କୁ ହଇରାଣ କରିବା ପଛରେ ରାଜନୀତି ପ୍ରଭାବ ରହିଛି ବୋଲି ଲୋଭଲିନା କ୍ଷୋଭ ପ୍ରକାଶ କରି କହିଛନ୍ତି।

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ: ପଟେଲଙ୍କ ଦମ୍‌ଦାର୍ ବ୍ୟାଟିଂ

ଆଗୁଆ ସିରିଜ୍ କବ୍‌ଜା କଲା ଭାରତ

;ପୋର୍ଟଅଫସ୍ପେନ: ଅକ୍ଷର ପଟେଲଙ୍କ ଲଢୁଆ ଅପରାଜିତ ଅର୍ଦ୍ଧଶତକକୁ ପାଥେୟ କରି ଭାରତ ଗତକାଲି ଏଠାରେ ଅନୁଷ୍ଠିତ ଚଳିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ବିଜୟ ଲାଭ କରି ଆଗୁଆ ସିରିଜ କବଜା କରି ନେଇଛି। ପ୍ରଥମ ଦିନିକିଆରେ ୩ ରନରେ ବିଜୟୀ ହୋଇଥିବା ଭାରତ ଦ୍ୱିତୀୟ ଦିନିକିଆରେ ୱେଷ୍ଟଇଣ୍ଡିଜକୁ ୨ ୱିକେଟରେ ପରାସ୍ତ କରିଛି। ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୫୦ ଓଭରରେ ୬ ୱିକେଟ ହରାଇ ୩୧୧ ରନ କରିଥିଲା। ଭାରତ ଏହି ଟାର୍ଗେଟକୁ ପଛରେ ପିଛା କରି ଆହୁରି ୨ ବଲ ବାକି ଥାଇ ୮ ୱିକେଟ ବିନିମୟରେ ହାସଲ କରି ନେଇ ଥିଲା। ଏକଦା ଭାରତ ୩୮.୪ ଓଭରରେ ୨୦୫ ରନ କରି ୫ ୱିକେଟ ହରାଇ ଥିବା ବେଳେ ପରବର୍ତ୍ତୀ ୧୧.୨ ଓଭରରେ ବିଜୟ ପାଇଁ ୧୧୧ ରନ ଆବଶ୍ୟକ କରୁଥିଲା। ତେବେ ଶେୟସ ଆୟାର ପ୍ରଥମ ମ୍ୟାଚର ସଫଳତା ଦେହରାଇ ଦ୍ୱିତୀୟ ମ୍ୟାଚରେ ୬୩ ଓ ସଞ୍ଜୁ ସାମସନ ୫୪ ରନ କରି ଆଉଟ ହୋଇ ଯିବା ପରେ ଭାରତର ବିଜୟ ସନ୍ଦେହ ଭିତରକୁ ଚାଲି ଯାଇଥିଲା। ମାତ୍ର ଅକ୍ଷର ପଟେଲ ୫ ଛକା ଓ ୩ ଚୌକା ବଳରେ ୩୫ ବଲରୁ ଅପରାଜିତ ୬୪ ରନ କରିବା ସଙ୍ଗେସଙ୍ଗେ ଦୀପକ ହୁଡା(୩୩)ଙ୍କ ସହିତ ୩୩ ବଲରୁ ୫୧ ରନ ଯୋଗ କରିବା ପରେ ଭାରତର ବିଜୟ ଆଶା ସଞ୍ଚାର ହୋଇ ଥିଲା। ମ୍ୟାଚର ୫୦ତମ ଓଭରର ଶେଷ ତିନି ବଲରେ ବିଜୟ ପାଇଁ ୬ ରନ ଆବଶ୍ୟକ ଥିବା ବେଳେ ପ୍ରତିପକ୍ଷ ବୋଲର କେଲେ ମେୟର୍ସଙ୍କ ଚତୁର୍ଥ ବଲକୁ ଛକା ମାରି ଅକ୍ଷର ପଟେଲ ଭାରତକୁ ସିରିଜ ବିଜୟୀ କରାଇବା ଦିଗରେ ବଡ ଭୂମିକା ଗ୍ରହଣ କରିଥିଲେ। ଭାରତର ଦୁଇ ଓପନର ଶିଖର ଧାୱନ ୧୩ ଓ ଶୁବମନ ଗିଲ ୪୩ ରନ କରି ଆଉଟ ହେବା ପରେ ଭାରତ ଏହି ଚାଲେଞ୍ଜିଂ ଟାର୍ଗେଟକୁ ପିଛା କରିବା କଷ୍ଟକର ମନେ ହେଉଥିଲା। ମାତ୍ର ଅକ୍ଷର ପଟେଲଙ୍କ ଲଢୁଆ ଇନିଂସ ବଳରେ ଭାରତ ପୁଣି ଏକ ଦମଦାର ବିଜୟ ହାସଲ କରି ନେଇଥିଲା। ସୂର୍ଯ୍ୟକୁମାର ଯାଦବ ମଧ୍ୟ ପ୍ରଥମ ମ୍ୟାଚ ପରି ଦ୍ୱିତୀୟ ମ୍ୟାଚରେ ବିଫଳ ହେବା ସହିତ କେବଳ ୯ ରନ କରି ଆଉଟ ହୋଇ ଯାଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ସଫଳ ବୋଲର ଭାବେ ଆଉଜେର ଜୋସେଫ ଓ କେଲେ ମେୟର୍ସ ପ୍ରତ୍ୟେକ ୨ ଲେଖାଏଁ ୱିକେଟ ଅକ୍ତିଆର କରିଥିବା ବେଳେ ଜେଡେନ ସିଲ୍ସ, ରୋମାରିଓ ଶେଫର୍ଡ ଓ ଅକିଲ ହୋସେନଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ଓପନର ସାଇ ହୋପଙ୍କ ୧୧୫, କେଲେ ମେୟର୍ସ ୩୯, ଶାମର୍ଥ ବ୍ରୁକ୍ସ ୩୫ ଓ ଅଧିନାୟକ ନିକୋଲାସ ପୂରନଙ୍କ ୭୪ ରନ ବଳରେ ୬ ୱିକେଟ ହରାଇ ୩୧୧ ରନ କରିଥିଲା। ଭାରତ ପକ୍ଷରୁ ପେସ୍ ବୋଲର ଶାର୍ଦ୍ଦୁଳ ଠାକୁର ସଫଳ ବୋଲର ଭାବେ ସର୍ବାଧିକ ୩ ୱିକେଟ ଅକ୍ତିଆର କରିଥିଲେ।

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ସୋମବାର ୨୦ବର୍ଷରୁ କମ୍ ସାଫ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଥିବାବେଳେ ପ୍ରଥମ ମ୍ୟାଚ୍‌ରେ ନେପାଳ ୪-୦ ଗୋଲରେ ମାଳଦ୍ୱୀପକୁ ପରାସ୍ତ କରିଛି।

ଡୋପ ଟେଷ୍ଟରେ ଧରା ପଡିଲେ ଆଉ ଜଣେ ଭାରତୀୟ ଆଥଲେଟ

ରାଜ୍ୟଗୋଷ୍ଠୀ କ୍ରୀଡା ପୂର୍ବରୁ ଭାରତକୁ ଦ୍ୱିତୀୟ ଝଟ୍‌କା

ନୂଆଦିଲ୍ଲୀ:ଆସନ୍ତା ୨୮ ତାରିଖରୁ ଇଂଲଣ୍ଡର ବର୍ମିଂହାମରେ ରାଜ୍ୟଗୋଷ୍ଠୀ କ୍ରୀଡା ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଭାରତକୁ ଦ୍ୱିତୀୟ ଝଟକା ଲାଗିଛି। ତିନି ଦିନ ତଳେ ଭାରତୀୟ ମହିଳା ଆଥଲେଟ୍ ସେକର ଧନଲକ୍ଷ୍ମୀ ଡୋପ ଟେଷ୍ଟରେ ଧରା ପଡି ରାଜ୍ୟଗୋଷ୍ଠୀ କ୍ରୀଡାରୁ ବାଦ ପଡିଥିବା ବେଳେ ସୋମବାର ଦିନ ପୁଣି ଭାରତୀୟ ମହିଳା ରିଲେ ଦଳର ଆଉ ଜଣେ ସଦସ୍ୟ ଡୋପ ଟେଷ୍ଟରେ ଧରାପଡିବା ବିଶେଷ ଚର୍ଚ୍ଚାର ବିଷୟ ହୋଇଛି। ତେଣୁ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାଗ ନେବା ପାଇଁ ମନୋନୀତ ହୋଇ ଥିବା ମହିଳା ରିଲେ ଦଳର ଉକ୍ତ ଅଭିଯୁକ୍ତ ଆଥଲେଟ ବାଦ ପଡିବା ନିଶ୍ଚିତ ହୋଇ ଯାଇଛି। ମାତ୍ର ଡୋପ ଟେଷ୍ଟରେ ଧରା ପଡିଥିବା ଉକ୍ତ ଆଥଲେଟଙ୍କ ନାମ ଗୋପନ ରଖା ଯାଇଛି। ତେଣୁ ବର୍ତ୍ତମାନ ଭାରତୀୟ ମହିଳା ରିଲେ ଦଳର ୪ ସଦସ୍ୟ ଇଂଲଣ୍ଡ ଗସ୍ତରେ ଯିବେ। ଏମାନଙ୍କ ମଧ୍ୟରୁ କେହି ଆଘାତ ପ୍ରାପ୍ତ ହେଲେ ଅନ୍ୟ ଟ୍ରାକ ଇଭେଣ୍ଟର କୌଣସି ଆଥଲେଟଙ୍କୁ ରିଲେ ଦଳରେ ସାମିଲ କରାଯିବ। ମାତ୍ର ଏହା ଦ୍ୱାରା ଭାରତୀୟ ଦଳର ପ୍ରଦର୍ଶନ ପ୍ରଭାବିତ ହେବା ନିଶ୍ଚିତ। ପୂର୍ବରୁ ଆଥଲେଟିକ ଫେଡେରେସନ ଅଫ ଇଣ୍ଡିଆ ମହିଳା ଧାବିକା ଦୂତି ଚାନ୍ଦ, ହିମା ଦାସ, ଶ୍ରବଣୀ ନନ୍ଦ,ଏନଏସ ସିମି,ସେକର ଧନଲକ୍ଷ୍ମୀ ଓ ଏମଭି ଜିନାଙ୍କୁ ନେଇ ଏକ ୩୭ ଜଣିଆ ଭାରତୀୟ ଆଥଲେଟିକ ଦଳ ମନୋନୀତ କରିଥିଲେ। ଭାରତୀୟ ଅଲିମ୍ପିକ୍ ଆସୋସିଏସନ କେବଳ ୩୬ ଜଣିଆ ଦଳ ପଠାଇବା ପାଇଁ ଅନୁମତି ମିଳି ଥିବାରୁ ଶେଷରେ ଜିନାଙ୍କୁ ବାଦ କରା ଯାଇଥିଲା। ମାତ୍ର ଧନଲକ୍ଷ୍ମୀ ଡୋପ ଟେଷ୍ଟରେ ଧରା ପଡିବା ପରେ ଜିନାଙ୍କୁ ପୁଣି ଭାରତୀୟ ଦଳରେ ସାମିଲ କରା ଯାଇଥିଲା। ସେହିପରି ଧନଲକ୍ଷ୍ମୀଙ୍କ ସହିତ ଟ୍ରିପଲ ଜମ୍ପର ଐଶ୍ୱରିୟା ବାବୁ ଡୋପ ଟେଷ୍ଟରେ ବିଫଳ ହେବା ପରେ ଭାରତୀୟ ଆଥଲେଟ ଦଳରୁ ଆଉ ଜଣେ ସଦସ୍ୟ ବାଦ ପଡିଥିଲେ। ସେହିପରି ଭାରତୀୟ ପାରା ଡିସକସ ଥ୍ରୋର ଅନିଶ କୁମାର ଓ ପାରା ପାୱର ଲିଫ୍ଟର ଗୀତା ମଧ୍ୟ ଡୋପ ଟେଷ୍ଟରେ ଧରାପଡିଛନ୍ତି। ଏମାନେ ସମସ୍ତେ ବିଶ୍ୱ ଆଣ୍ଟିଂ ଡୋପିଂ ଏଜେନ୍ସୀ ନିୟମ ଅନୁଯାୟୀ ନିଷେଧ ଡ୍ରଗ୍ସ ସେବନ କରି ଥିବାରୁ ଅଭିଯୁକ୍ତ ସାବ୍ୟସ୍ତ ହୋଇଛନ୍ତି।

ଓସିଏର କୋଚିଂ ଓ ସପୋର୍ଟିଂ ଷ୍ଟାଫ ନିଯୁକ୍ତ

କଟକ(ଭାସ୍କର ନ୍ୟୁଜ): ଓଡିଶା କ୍ରିକେଟ ଆସୋସିଏସନ ପକ୍ଷରୁ ସୋମବାର ୨୦୨୨-୨୩ ସିଜିନ ପାଇଁ କୋଚିଂ ଷ୍ଟାଫ ଓ ସପୋର୍ଟ ଷ୍ଟାଫ୍ ନିଯୁକ୍ତି ଘୋଷଣା କରା ଯାଇଛି। ସୂଚନା ଯୋଗ୍ୟ ଯେ ଗତ ୨୬ ଏପ୍ରିଲ ୨୦୨୨ରେ ଓସିଏର କ୍ରିକେଟ ଆଡଭାଇଜରୀ କମିଟି ନବ ନିଯୁକ୍ତ କୋଚ ଓ ସପୋର୍ଟ ଷ୍ଟାଫଙ୍କର ସାକ୍ଷାତକାର ନେଇ ଥିବା ବେଳେ ସୋମବାର ଏମାନଙ୍କର ନିଯୁକ୍ତି ନେଇ ସୂଚନା ଦିଆ ଯାଇଛି। ନୂତନ ଭାବେ ନିଯୁକ୍ତି କୋଚ ଓ ସପୋର୍ଟ ଷ୍ଟାଫ ମାନେ ଓଡିଶା କ୍ରିକେଟ ଏକାଡେମୀ ଠାରେ କାର୍ଯ୍ୟ କରିବେ। ପରବର୍ତ୍ତୀ ସମୟରେ ଏମାନେ ୨୦୨୨-୨୩ ବିସିସିଆଇର ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବେଳେ ନିଜ ଦଳ ସହିତ ସାମିଲ ହେବେ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଓସିଏର ଅନ୍ୟ ସମସ୍ତ କର୍ମକର୍ତ୍ତା ନବ ନିଯୁକ୍ତ କୋଚିଂ ଓ ସପୋର୍ଟ ଷ୍ଟାଫଙ୍କର ସଫଳତା କାମନା କରିଛନ୍ତି। ନୂତନ ଭାବେ ନିଯୁକ୍ତି ପାଇଥିବା ଷ୍ଟାଫ ମାନେ ହେଲେ-ଆର ଶ୍ରୀକାନ୍ତ(ଟେକନିକାଲ ଡାଇରେକ୍ଟର ତଥା ପୁରୁଷ ସିନିୟର ଦଳ ଲିଡ୍ କୋଚ , ୨)ରଶ୍ମି ରଞ୍ଜନ ପରିଡା(ମୁଖ୍ୟ କୋଚ,ଓସିଏ ଏକାଡେମୀ),କୋଚ ଗ୍ରୁପ- ଗୌତମ ଗୋପାଳ, ନଟରାଜ ବେହେରା, ରଶ୍ମି ରଞ୍ଜନ ଦାସ, ନିରଞ୍ଜନ ବେହେରା, ସୁରେଶ କୁମାର, କାଦମ୍ବିନି ମହାକୁଡ, କେଭି ପ୍ରସାଦ, ମଧୁସ୍ମିତା ବେହେରା, ଦୀପକ ମଙ୍ଗରାଜ, ରାକେଶ ମହାନ୍ତି, ସୋଭନ ଦେଓ, ଦୀପକ ବେହେରା,ଇତିଶ୍ରୀ ପଟ୍ଟନାୟକ, ସୌରଭ ସେଘାଲ, । ସପୋର୍ଟିଂ ଷ୍ଟାଫ-ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ ୱିଙ୍ଗ-ପୂର୍ଣ୍ଣେନ୍ଦୁ ଜେନା(ମୁଖ୍ୟ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ)ମନୋଜ ବିଶ୍ୱାଳ, ଜଗତ ରଞ୍ଜନ ଦାସ, ସୌର୍ଯ୍ୟ ରଞ୍ଜନ ରାୟ, ସ୍ୱେତା ସାମନ୍ତରାୟ, ବିନୁ ସାହୁ, ସସ୍ମିତା ସାହୁ! ଫିଜିଓଥେରାପି ୱିଙ୍ଗ- ରୋନୀ ଚାଟାର୍ଜି(ମୁଖ୍ୟ ଫିଜିଓ),ବୁଶ୍ରା ଅଜିଜ(ମୁଖ୍ୟ ଫିଜିଓ ମହିଳା),ଶୁଭକାନ୍ତ ସାହୁ, ସ୍ୱସ୍ତିକ ପି ମହାନ୍ତି, ଦିନେଶ ସାହୁ, ଅମ୍ରିତା ତ୍ରିପାଠୀ, ନଫିସା ସବନାମ। ଆନାଲିଷ୍ଟ-ଶରଦ ପ୍ରସନ ବିଶ୍ୱାଳ, ନବୀନ ବେହେରା, ଗାୟତ୍ରୀ ବେହେରା।

ଦ୍ୱିତୀୟ ଟେଷ୍ଟ: ପାକିସ୍ତାନ ବିରୋଧରେ ଶ୍ରୀଲଙ୍କାର ଅଗ୍ରଣୀ ଲକ୍ଷ୍ୟ

ଗାଲେ(ଶ୍ରୀଲଙ୍କା): ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ କ୍ରିକେଟ ମ୍ୟାଚରେ ଘରୋଇ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୩୭୮ ରନ କରି ଅଲଆଉଟ ହୋଇ ଯାଇଥିବା ବେଳେ ପାକିସ୍ତାନ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୭ ୱିକେଟ ହରାଇ ୧୯୧ ରନ କରିଛି। ଶ୍ରୀଲଙ୍କାର ପ୍ରଥମ ଇନିଂସ ସ୍କୋର ସମକକ୍ଷ ହେବା ପାଇଁ ପାକିସ୍ତାନକୁ ଆହୁରି ୧୮୭ ରନ ଆବଶ୍ୟକ। ପାକିସ୍ତାନ ପକ୍ଷରୁ ଆଘା ସଲମାନ ସର୍ବାଧିକ ୬୨ ରନ କରିଥିବା ବେଳେ ଅଧିନାୟକ ବାବର ଆଜାମ ୧୬, ଓପନର ଇମାମ ଉଲ ହକ୍ ୨୪, ମହମଦ ନୱାଜ ୧୨ ଓ ଅବଦୁଲଶ ଶଫିକ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇ ଯାଇଛନ୍ତି। ଶ୍ରୀଲଙ୍କା ପକ୍ଷରୁ ସଫଳ ବୋଲର ଭାବେ ରମେଶ ମେଣ୍ଡିସ ୪୨ ରନରେ ୩ ଓ ପ୍ରଭାତ ଜୟସୂରିୟା ୫୯ ରନ ବିନିମୟରେ ୨ ୱିକେଟ ଅକ୍ତିଆର କରିଛନ୍ତି। ଗତକାଲି ପ୍ରଥମ ଦିନ ଖେଳରେ ଶ୍ରୀଲଙ୍କା ଅସମାପ୍ତ ପ୍ରଥମ ଇନିଂସରେ ୬ ୱିକେଟ ହରାଇ କରିଥିଲା ୩୧୫ ରନ। ଆଜି ଦ୍ୱିତୀୟ ଦିନ ଖେଳ ଆରମ୍ଭ କରି ଶ୍ରୀଲଙ୍କା ୩୭୮ ରନ କରିବା ପରେ ଅଲଆଉଟ ହୋଇ ଯାଇଥିଲା।

ସୁଟିଂ ଇଭେଣ୍ଟ ବାଦ ପଡିବା ଭାରତ ପାଇଁ ମହଙ୍ଗା ପଡିବ

ନୂଆଦିଲ୍ଲୀ: ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ସବୁବେଳେ ସୁଟିଂରେ ଅଧିକ ପଦକ ହାସଲ କରି ଆସୁଥିଲା। ମାତ୍ର ଚଳିତ ବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡାରେ ସୁଟିଂ ସ୍ଥାନ ପାଇନାହିଁ। ତେଣୁ ପଦକ ହାସଲରେ ଭାରତ ବହୁ ପଛରେ ପଡିଯିବା ଆଶଙ୍କା ଦେଖା ଦେଇଛି। ତେଣୁ ଭାରତ ଏଥର ପାରମ୍ପରିକ କ୍ରୀଡା ରେସଲିଂ, ୱେଟଲିଫ୍ଟିଂ, ବ୍ୟାଡମିଣ୍ଟନ ,ବକ୍ସିଂ, ଟେବୁଲ ଟେନିସ, ଆଥଲେଟିକ୍ସ ଉପରେ ଅଧିକ ନିର୍ଭର କରିବ। ଏହି ସବୁ ଇଭେଣ୍ଟରେ ଭାରତ ଅଧିକ ପଦକ ହାସଲ କରିବା ଲକ୍ଷ୍ୟ ରଖିଛି। ଗତ ଥର ଅଷ୍ଟ୍ରେଲିଆରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ୨୬ ସ୍ୱର୍ଣ୍ଣ ସହିତ ୬୬ ପଦକ ହାସଲ କରି ତୃତୀୟ ସ୍ଥାନ ପାଇଥିଲା। ଏଥର କେତେ ପଦକ ପାଇବା ତାହା ଅପେକ୍ଷାର ବିଷୟ। ତେବେ ଗତ ବର୍ଷର ଟୋକିଓ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଓ ଆମେରିକାରେ ଚାଲିଥିବା ଚଳିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନଶିପରେ ରୌପ୍ୟ ପଦକ ହାସଲ କରିଥିବା ଜାଭେଲିନ ଥ୍ରୋର ନିରଜ ଚୋପ୍ରାଙ୍କ ସହିତ ମହିଳା ବ୍ୟାଡମିଣ୍ଟନ ତାରକା,ମହିଳା ୱେଟ ଲିଫ୍ଟର ମିରାବାଇ ଚାନୁ ଓ ମହିଳା ଟେବୁଲ ଟେନିସ ତାରକା ମନିକା ବାତ୍ରା ପ୍ରମୁଖ ଭାରତ ପାଇଁ ପୁଣି ସ୍ୱର୍ଣ୍ଣ ପଦକ ଜିତିବେ ବୋଲି ଦୃଢ଼ ବିଶ୍ୱାସ ରହିଛି।

୧୯୯୮ରୁ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ପ୍ରଦର୍ଶନ

ନୂଆଦିଲ୍ଲୀ: ଭାରତ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡାରେ ସବୁଠାରୁ ଅଧିକ ୧୦୧ ପଦକ ହାସଲ କରିଥିଲା। ଏହି କ୍ରୀଡାରେ ଭାରତର ୪୦୦ରୁ ଉର୍ଦ୍ଧ୍ୱ ଆଥଲେଟ ଭାଗ ନେଇ ଥିବା ବେଳେ ପ୍ରଥମ ଥର ପାଇଁ ୧୦୦ରୁ ଅଧିକ ପଦକ ଅକ୍ତିଆର କରିବାରେ ସଫଳ ହୋଇ ଥିଲା। କାରଣ ନିଜ ପରିବେଶରେ ଭାରତୀୟ ଆଥଲେଟ ମାନେ ବିଶେଷ ଉତ୍ସାହିତ ହୋଇ ଭଲ ପ୍ରଦର୍ଶନ କରି ଥିଲା। ଚଳିତ ବର୍ଷ ଇଂଲଣ୍ଡର ବର୍ମିଂହାମରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ୨୧୫ ଆଥଲେଟ୍ ୧୬ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୧୯୯୮ରୁ ୨୦୧୮ମଧ୍ୟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ପ୍ରଦର୍ଶନ ପୂର୍ବାପେକ୍ଷା ଉନ୍ନତି ହୋଇ ପାରିଥିଲା। ୧୯୯୮ରେ ମାଲେସିୟାର କୁଆଲାଲମ୍ପୁରରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ପ୍ରଥମ ଥର ପାଇଁ ପୁରୁଷ କ୍ରିକେଟ ଓ ହକି ଇଭେଣ୍ଟ ସାମିଲ ହୋଇ ଥିଲା। ସେହିପରି ବିଂଶ ଶତାବ୍ଦୀର ଏହା ଥିଲା ଶେଷ ରାଜ୍ୟଗୋଷ୍ଠୀ କ୍ରୀଡା। ଏହା ସହିତ ପ୍ରଥମ ଥର ପାଇଁ ଏସିଆନ ଦେଶରେ ଏହି କ୍ରୀଡା ଆୟୋଜିତ ହୋଇ ଥିଲା। ସଚିନ ତେନ୍ଦୁଲକର ,ଅନିଲ କୁମ୍ବଲେ ,ଭିଭିଏସ ଲକ୍ଷ୍ମଣ ଓ ହରଭଜନ ସିଂଙ୍କ ପରି ଖେଳାଳି ଭାରତୀୟ କ୍ରିକେଟ ଦଳର ସଦସ୍ୟ ଥିଲେ ହେଁ ଗ୍ରୁପ ପର୍ଯ୍ୟାୟରେ ତୃତୀୟ ସ୍ଥାନ ପାଇବା ଯୋଗୁଁ ସେମିଫାଇନାଲରେ ପ୍ରବେଶ କରି ପାରି ନ ଥିଲା। କ୍ରିକେଟ ଇଭେଣ୍ଟ ଫାଇନାଲରେ ଅଷ୍ଟ୍ରେଲିଆକୁ ୪ ୱିକେଟରେ ହରାଇ ଦକ୍ଷିଣ ଆଫ୍ରିକା ଚାମ୍ପିଅନ ହୋଇ ଥିଲା। ସେହିପରି ପୁରୁଷ ହକିରେ ଭାରତ ସେମିଫାଇନାଲରେ ମାଲେସିଆ ଠାରୁ ଓ ବ୍ରୋଞ୍ଜ ପଦକ ଲଢ଼େଇରେ ଇଂଲଣ୍ଡ ଠାରୁ ପରାଜୟ ସ୍ୱିକାର କରିଥିଲା। ଭାରତ ଏହି ସଂସ୍କରଣରେ ୭ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୮ ବ୍ରୋଞ୍ଜ ସହିତ ମୋଟ ୨୫ ପଦକ ହାସଲ କରିଥିଲା।

୨୦୦୨ ରାଜ୍ୟଗୋଷ୍ଠୀ କ୍ରୀଡା(୬୯ ପଦକ)

ଇଂଲଣ୍ଡର ମାଞ୍ଚେଷ୍ଟରରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ପ୍ରଦର୍ଶନ ସନ୍ତୋଷ ଜନକ ଥିଲା। ଭାରତ ୩୦ ସ୍ୱର୍ଣ୍ଣ, ୨୨ ରୌପ୍ୟ ଓ ୧୭ ବ୍ରୋଞ୍ଜ ପଦକ ସହିତ ମୋଟ ୬୯ ପଦକ ଚତୁର୍ଥ ସ୍ଥାନ ହାସଲ କରିଥିଲା। ଭାରତୀୟ ମହିଳା ହକି ଦଳ ଅଧିନାୟିକା ଲତା ଦେବୀଙ୍କ ନେତୃତ୍ୱରେ ପରିଚାଳିତ ହୋଇ ଫାଇନାଲରେ ଇଂଲଣ୍ଡକୁ ୩-୨ ଗୋଲରେ ହରାଇ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ପାଇଥିଲା। ସେହିପରି ଭାରତ ସୁଟିଂରେ ୧୪ , ୱେଟଲିଫ୍ଟିଂରେ ୧୧ .ରେସଲିଂରେ ୩ ଏବଂ ବକ୍ସିଂରେ ୧ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହା ବ୍ୟତିତ ୱେଟଲିଫ୍ଟିଂରେ୯ ଓ ସୁଟିଂରେ ୭ ରୌପ୍ୟ ପଦକ ପାଇଥିଲା। ଆଥଲେଟିକ୍ସରେ ମହିଳା ଲଙ୍ଗ ଜମ୍ପର ଅଞ୍ଜୁ ବବି ଜର୍ଜ ଭାରତ ପାଇଁ ଏକମାତ୍ର ବ୍ରୋଞ୍ଜ ପଦକ ହାସଲ କରିଥିଲେ।

୨୦୦୬ ରାଜ୍ୟଗୋଷ୍ଠୀ କ୍ରୀଡା(୫୦ ପଦକ)

ଅଷ୍ଟ୍ରେଲିଆର ମୋଲବୋର୍ଣ୍ଣରେ ଅନୁଷ୍ଠିତ ଏହି ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତୀୟ ସୁଟର ସମରେଶ ଜଙ୍ଗ ୫ ସ୍ୱର୍ଣ୍ଣ ଓ ଗୋଟିଏ ଲେଖାଏଁ ରୌପ୍ୟ ଓ ବ୍ରୋଞ୍ଜ ସହ ମୋଟ ୭ ପଦକ ହାସଲ କରି ଶ୍ରେଷ୍ଠ ଆଥଲେଟ ବିବେଚିତ ସହିତ ପ୍ରଥମ ଡେଭିଡ ଡିକ୍ସନ ପୁରସ୍କାର ପାଇଥିଲେ। ଭାରତୀୟ ସୁଟର ମାନେ ୧୬ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ୱେଟଲିଫ୍ଟିଂରେ ୩,ଟେବୁଲ ଟେନିସରେ ୨ ଓ ବକ୍ସିଂରେ ଗୋଟିଏ ସ୍ୱର୍ଣ୍ଣ ପଦକ ପାଇଥିଲା ଭାରତ। ସେହିପରି ସୁଟିଂରେ ୭ ,ୱେଟଲିଫ୍ଟିଂରେ ୫,ଆଥଲେଟିକ୍ସରେ ୨ ଏବଂ ବକ୍ସିଂ ଓ ମହିଳା ହକିରେ ୧ ଲେଖାଏଁ ରୌପ୍ୟ ପଦକ ପାଇଥିଲା ଭାରତ। ଏହା ବ୍ୟତିତ ସୁଟିଂରେ ୪,ବକ୍ସିଂ ଓ ବ୍ୟାଡମିଣ୍ଟନରେ ୨ ଲେଖାଏଁ ଏବଂ ଟେବୁଲ ଟେନିସ, ୱେଟଲିଫ୍ଟିଂ ଓ ଆଥଲେଟିକ୍ସରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ପାଇବା ସହିତ ପଦକ ତାଲିକାର ଚତୁର୍ଥ ସ୍ଥାନ ହାସଲ କରିଥିଲା।

୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡା(୧୦୧ ପଦକ)

ପ୍ରଥମ ଥର ପାଇଁ ଭାରତରେ ଅନୁଷ୍ଠିତ ଏହି ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ୩୮ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୬ ବ୍ରୋଞ୍ଜକୁ ମିଶାଇ ମୋଟ ୧୦୧ ପଦକ ହାସଲ କରିଥିଲା। ଅଷ୍ଟ୍ରେଲିଆ ପଦକ ହାସଲରେ ପ୍ରଥମ ସ୍ଥାନ ପାଇଥିବା ବେଳେ ଭାରତ ଦ୍ୱିତୀୟ ଓ ଇଂଲଣ୍ଡ ତୃତୀୟ ସ୍ଥାନ ପାଇଥିଲା। ରାଜ୍ୟଗୋଷ୍ଠୀ କ୍ରୀଡାରେ ଆଜି ସୁଦ୍ଧା ଭାରତର ଏହା ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଛି। ଭାରତୀୟ ପୁରୁଷ ଆଥଲେଟଙ୍କ ଅପେକ୍ଷା ମହିଳା ଆଥଲେଟ ମାନେ ଭଲ ଫଳାଫଳ ପାଇଥିଲେ। ଆଥଲେଟିକ୍ସରେ କ୍ରିଷ୍ଣା ପୁନିଆ ଭାରତକୁ ୫୨ ବର୍ଷ ପରେ ଦେଇ ଥିଲେ ପ୍ରଥମ ସ୍ୱର୍ଣ୍ଣ ପଦକ ଉପହାର। ମହିଳା ରେସଲର ଗୀତା ଫୋଗତ ଭାରତ ପାଇଁ ଅର୍ଜନ କରିଥିଲେ ମହିଳା ରେସଲିଂରେ ପ୍ରଥମ ସ୍ୱର୍ଣ୍ଣ ପଦକ। ସେହିପରି ମହିଳା ଟେବୁଲ ଟେନିସ ଡବଲ୍ସରେ ଅଶ୍ୱିନି ପୁନପ୍ପା ଓ ଜ୍ୱାଲା ଗୁଟ୍ଟା ଏବଂ ମହିଳା ବ୍ୟାଡମିଣ୍ଟନରେ ଭାରତ ପାଇଁ ହାସଲ କରିଥିଲେ ପ୍ରଥମ ସ୍ୱର୍ଣ୍ଣ ପଦକ। ଭାରତୀୟ ସୁଟର ମାନେ ପୁଣି ଥରେ ଝଲକ ଦେଖାଇ ୧୪ ସ୍ୱର୍ଣ୍ଣ, ରେସଲର ୧୦ ସ୍ୱର୍ଣ୍ଣ ଓ ତୀରନ୍ଦାଜି ଏବଂ ବକ୍ସିଂରେ ୩ ଲେଖାଏଁ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏହା ସହିତ ଆଥଲେଟିକ୍ସ, ୱେଟଲିଫ୍ଟିଂ ଓ ବ୍ୟାଡମିଣ୍ଟନରେ ୨ ଲେଖାଏଁ ସ୍ୱର୍ଣ୍ଣ ଜିତି ଥିଲା ଭାରତ। ଭାରତୀୟ ସୁଟର ମାନେ ୧୧,ରେସଲର ୫,ଆଥଲେଟିକ୍ସରେ ୩ ରୌପ୍ୟ ପଦକ ହାସଲ କରିଥିଲା ଭାରତ।

୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡା(୬୪ ପଦକ)

ଗ୍ଲାସଗୋରେ ଅନୁଷ୍ଠିତ ଏହି ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତ ୧୫ ସ୍ୱର୍ଣ୍ଣ, ୩୦ ରୌପ୍ୟ ଓ ୧୯ ବ୍ରୋଞ୍ଜ ସହିତ ୬୪ ପଦକ ପାଇଥିବା ବେଳେ ଡିସକସ ଥ୍ରୋର ବିକାଶ ଗୌଡ ୫୨ ବର୍ଷ ପରେ ପୁରୁଷ ଆଥଲେଟିକ୍ସରେ ପ୍ରଥମ ସ୍ୱର୍ଣ୍ଣ ଓ ପାରୁପଲ୍ଲୀ କାଶ୍ୟପ ୩୨ ବର୍ଷ ପରେ ପୁରୁଷ ବ୍ୟାଡମିଣ୍ଟନରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରି ଥିଲେ। ରେସଲର ମାନେ ୫,ସୁଟରସ ୪ ଓ ୱେଟଲିଫ୍ଟର ୩ ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଥିଲେ।

୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡା(୬୬ ପଦକ)

ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ଏହି କ୍ରୀଡାରେ ଭାରତ ମୋଟ ୬୬ ପଦକ ସହିତ ତୃତୀୟ ସ୍ଥାନ ହାସଲ କରିଥିଲା। ଭାରତ ମୁଖ୍ୟତଃ ୱେଟଲିଫ୍ଟିଂ, ସୁଟିଂ,ରେସଲିଂ ,ବ୍ୟାଡମିଣ୍ଟନ ଓ ଟେବୁଲ ଟେନିସରେ ଅତି ଭଲ ପ୍ରଦର୍ଶନ କରିଥିଲେ। ଭାରତୀୟ ସୁଟର ମାନେ ୭,ୱେଟଲିଫ୍ଟିଂ ଓ ରେସଲିଂରେ ୫ ଲେଖାଏଁ , ବକ୍ସର ଓ ଟେବୁଲ ଟେନିସରେ ୩ ଲେଖାଏଁ ଏବଂ ବ୍ୟାଡମିଣ୍ଟନରେ ୨ ସ୍ୱର୍ଣ୍ଣ ପଦକ ପାଇ ଥିଲାଶ ଭାରତ। ଜାଭେଲିନ ଥ୍ରୋର ନିରଜ ଚୋପ୍ରା ଆଥଲେଟିକ୍ସରେ ଭାରତ ପାଇଁ ଏକମାତ୍ର ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।

ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍, ୨୦୧୬ ଆଧାରରେ ଇ-ନିଲାମ ନୋଟିସ୍
କେଏସ୍‌ଏସ୍ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ (ଇନ୍ ଲିକ୍ୟୁଡେସନ)
ସିଆଇଏନ୍ : ୟୁ୪୫୪୦୦ଏମଏଚ୍୨୦୦୭ପିଟିସି୨୩୪୨୯୭
ପଞ୍ଜିକୃତ କାର୍ଯ୍ୟାଳୟ : ସସ୍ତିକ ଚାମ୍ବର, ଷଷ୍ଠ ମହଲା ସିଓନ୍ ଟ୍ରୋମ୍ବେ ରୋଡ୍,ଚେମ୍ବୁର ମୁମ୍ବାଇ ଏମ୍‌ଏଚ୍ ୪୦୦୦୭୧
ନିଲାମର ତାରିଖ ଓ ସମୟ : ୦୯.୦୮.୨୦୨୨ ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୨ଟା
(ପ୍ରତ୍ୟେକ କ୍ଷେତ୍ରରେ ୫ ମିନିଟ୍ ଲେଖାଏଁ ଅନ୍‌ଲିମିଟେଡ୍ ଏକ୍ସଟେନ୍ସନ)

ସମ୍ମାନୀୟ ଜାତୀୟ କମ୍ପାନୀ ଲ' ଟ୍ରିବ୍ୟୁନାଲ, ମୁମ୍ବାଇ ଖଣ୍ଡପୀଠଙ୍କ ଦ୍ୱାରା ୨୭.୧୨.୨୦୧୯ରେ ଜାରି ନିର୍ଦ୍ଦେଶନାମା ଅନୁସାରେ ନିଯୁକ୍ତ ଲିକ୍ୟୁଡେଟରଙ୍କ ଦ୍ୱାରା ଲିକ୍ୟୁଡେସନ ଇଷ୍ଟେଟ୍‌ରେ ସାମିଲ ହୋଇଥିବା କେଏସ୍‌ଏସ୍ ପେଟ୍ରୋନ୍ ପ୍ରାଇଭେଟ୍ ଲିମିଟେଡ (କର୍ପୋରେଟ୍ ଡେବ୍‌ଟର)ର କଟକସ୍ଥିତ ସମ୍ପତ୍ତି ବିକ୍ରୟ ପାଇଁ ଏହି ନୋଟିସ୍ ଜାରି କରାଯାଇଛି । ଏହି ସମ୍ପତ୍ତିର ବିକ୍ରୟ ଇ-ନିଲାମ ପ୍ଲାଟଫର୍ମ **https://ncltauction.auctiontiger.net** ଦ୍ୱାରା ଅନୁଷ୍ଠିତ ହେବ । ନିଲାମ ହେବାକୁ ଥିବା ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ, ଏହାର ସଂରକ୍ଷିତ ମୂଲ୍ୟ, ଇଏମଡି ରାଶି ଏବଂ ଇନକ୍ରିମେଣ୍ଟାଲ ବିଡ୍ ନିମ୍ନ ଟେବୁଲରେ ଦର୍ଶାଯାଇଛି ।

ସମ୍ପତ୍ତି	ସଂରକ୍ଷିତ ମୂଲ୍ୟ (ଟଙ୍କାରେ)	ଇଏମଡି ରାଶି (ଟଙ୍କାରେ) ଏବଂ ଏହାର ଦାଖଲ ସମୟସୀମା	ଇନକ୍ରିମେଣ୍ଟାଲ ବିଡ୍ ଆମାଉଣ୍ଟ (ଟଙ୍କାରେ)
କର୍ପୋରେଟ୍ ଡେବ୍‌ଟରଙ୍କ ସମ୍ପତ୍ତି ଜେଏସ୍‌ଡବ୍ଲୁ ସିମେଣ୍ଟ ଲିମିଟେଡ୍, କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ ଏରିଆ, ଦାନଗଦି, ଯାଜପୁରରୋଡ, ଯାଜପୁର, ଓଡ଼ିଶା-୭୫୫୦୨୬ ("ନିଲାମ ସାଇଟ୍") ସମ୍ପତ୍ତି ଏବଂ ନିଲାମର ସର୍ତ୍ତାବଳି ସମ୍ପର୍କରେ ଅଧିକ ବିବରଣୀ ପାଇଁ ଦୟାକରି କର୍ପୋରେଟ୍ ଡେବଟରଙ୍କ ୱେବ୍‌ସାଇଟ୍ **https://ksspetron.in/liquidation.html**ରେ ଉପଲବ୍ଧ ଥିବା ପ୍ରୋସେସ୍ ଡକ୍ୟୁମେଣ୍ଟ ଅନୁଧ୍ୟାନ କରନ୍ତୁ।	୭,୦୫,୩୭୦/-	୭୦,୫୪୦/- ୨୬.୦୭.୨୦୨୨ରୁ ୦୧.୦୮.୨୦୨୨ ପର୍ଯ୍ୟନ୍ତ	୧୦,୦୦୦/- କିମ୍ବା ଏହାଠାରୁ ଅଧିକ

ଦ୍ରଷ୍ଟବ୍ୟ :
୧) ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତି "ଯେଉଁଠାରେ ଅଛି", "ଯେପରି ଅଛି", "ଯେଉଁ ସ୍ଥିତିରେ ଅଛି" ଏବଂ "ଫେରସ୍ତଯୋଗ୍ୟ ନ ହେବା ସ୍ଥିତିରେ" ନିଲାମ ହେବ ।
୨) ନିଲାମ ସାଇଟ୍‌ରେ ଅବସ୍ଥିତ ପେଟ୍ରୋନ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ଲିମିଟେଡ୍‌ର ସମ୍ପତ୍ତି ସହିତ ମିଳିତ ଭାବେ ଥିବା (ଇନ ଲିକ୍ୟୁଡେସନ) କେଏସଏସ ପେଟ୍ରୋନ ପ୍ରାଇଭେଟ ଲିମିଟେଡ୍‌ର ଇ-ଅକ୍ସନ ଉଦ୍ଦେଶ୍ୟରେ ଏହି ପବ୍ଲିକ ନୋଟିସ୍ ଇସ୍ୟୁ କରାଯାଇଛି । ଆଶାୟୀ ନିଲାମଧାରୀମାନେ ପିଇସିଏଲର ସମ୍ପତ୍ତି ସଂପର୍କିତ ତଥ୍ୟ ଏବଂ ପ୍ରକ୍ରିୟା ସଂପର୍କରେ ଏହି ପବ୍ଲିକ ନୋଟିସ୍‌ରୁ ଅନୁଧ୍ୟାନ କରିପାରିବେ । ଏହାର ପ୍ରୋସେସ ସ୍ପେସିଫିକ୍ ୱେବ୍‌ସାଇଟ୍ ଯଥା **http://petronengineering.com/liquidation-process/liquidation-process.**ରୁ ପାଇପାରିବେ ।
୩) ଅଧିକ ସୂଚନା ଏବଂ କ୍ଲାରିଫିକେଶନ ପାଇଁ ଆପଣ ଦୟାକରି ଲିକ୍ୟୁଡେଟରଙ୍କୁ ୦୧୧-୪୯୧୨୧୬୪୪- ୪୫ରେ କିମ୍ବା ତାଙ୍କ ଟିମ୍ ସଦସ୍ୟ,ମନୀଷ ବ୍ୟାସ + ୯୧ ୯୬୬୭୦୯୦୧୩୫ କିମ୍ବା ମିଷ୍ଟର ଡିଭିଶ୍ ଆହୁଜାଙ୍କୁ +୯୧ ୮୮୬୦୫୮୮୨୦୯ ରେ ଯୋଗାଯୋଗ କରିପାରିବେ ।

କେଏସଏସ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ (ଇନ୍ ଲିକ୍ୟୁଡେସନ) ପାଇଁ

ସ୍ୱା/-
ସିଏସ୍ ଭିନୀତ କେ ଚୌଧୁରୀ
ଲିକ୍ୟୁଡେଟର
କେଏସ୍‌ଏସ୍ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍ ମାମଲାରେ
ଆଇବିବିଆଇ ପଞ୍ଜିକରଣ ନମ୍ବର : ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬
ଏଏଫଏ ୦୨.୧୨.୨୦୨୨ ପର୍ଯ୍ୟନ୍ତ ବୈଧ
liquidatorksspetron@vkcindia.com (ପ୍ରୋସେସ୍ ସ୍ପେସିଫିକ)
ip.vineetchaudhary@gmail.com (ଆଇବିବିଆଇରେ ପଞ୍ଜିକୃତ)
ଆଇବିବିଆଇରେ ପଞ୍ଜିକୃତ ଲିକ୍ୟୁଡେଟରଙ୍କ ଠିକଣା :
ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯
ତାରିଖ : ୨୬.୦୭. ୨୦୨୨
ସ୍ଥାନ : ନୂଆଦିଲ୍ଲୀ

ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍, ୨୦୧୬ ଆଧାରରେ ଇ-ନିଲାମ ନୋଟିସ୍
ପେଟ୍ରୋନ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ଲିମିଟେଡ୍ (ଇନ୍ ଲିକ୍ୟୁଡେସନ)
ସିଆଇଏନ୍ : ଏଲ୪୫୨୦୨ଏମଏଚ୍୧୯୭୬ପିଏଲ୍‌ସି୦୧୯୧୩୫
ପଞ୍ଜିକୃତ କାର୍ଯ୍ୟାଳୟ : ସସ୍ତିକ ଚାମ୍ବର୍ସ,ଷଷ୍ଠ ମହଲା ସିଓନ୍ ଟ୍ରୋମ୍ବେ ରୋଡ୍,ଚେମ୍ବୁର ମୁମ୍ବାଇ ଏମ୍‌ଏଚ୍ ୪୦୦୦୭୧
ନିଲାମର ତାରିଖ ଓ ସମୟ : ୦୯.୦୮.୨୦୨୨ ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୨ଟା
(ପ୍ରତ୍ୟେକ କ୍ଷେତ୍ରରେ ୫ ମିନିଟ୍ ଲେଖାଏଁ ଅନ୍‌ଲିମିଟେଡ୍ ଏକ୍ସଟେନ୍ସନ)

ସମ୍ମାନୀୟ ଜାତୀୟ କମ୍ପାନୀ ଲ' ଟ୍ରିବ୍ୟୁନାଲ, ମୁମ୍ବାଇ ଖଣ୍ଡପୀଠଙ୍କ ଦ୍ୱାରା ୨୩.୦୧.୨୦୨୦ରେ ଜାରି ନିର୍ଦ୍ଦେଶନାମା ଅନୁସାରେ ନିଯୁକ୍ତ ଲିକ୍ୟୁଡେଟରଙ୍କ ଦ୍ୱାରା ଲିକ୍ୟୁଡେସନ ଇଷ୍ଟେଟ୍‌ରେ ସାମିଲ ହୋଇଥିବା ପେଟ୍ରୋନ୍ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ଲିମିଟେଡ (କର୍ପୋରେଟ୍ ଡେବ୍‌ଟର)ର ସମ୍ପତ୍ତି ବିକ୍ରୟ ପାଇଁ । ଏହି ସମ୍ପତ୍ତିର ବିକ୍ରୟ ଇ-ନିଲାମ ପ୍ଲାଟଫର୍ମ **https://ncltauction.auctiontiger.net** ଦ୍ୱାରା ଅନୁଷ୍ଠିତ ହେବ । ନିଲାମ ହେବାକୁ ଥିବା ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ, ଏହାର ସଂରକ୍ଷିତ ମୂଲ୍ୟ, ଇଏମଡି ରାଶି ଏବଂ ଇନକ୍ରିମେଣ୍ଟାଲ ବିଡ୍ ନିମ୍ନ ଟେବୁଲରେ ଦର୍ଶାଯାଇଛି ।

ସମ୍ପତ୍ତି	ସଂରକ୍ଷିତ ମୂଲ୍ୟ (ଟଙ୍କାରେ)	ଇଏମଡି ରାଶି (ଟଙ୍କାରେ) ଏବଂ ଏହାର ଦାଖଲ ସମୟସୀମା	ଇନକ୍ରିମେଣ୍ଟାଲ ବିଡ୍ ଆମାଉଣ୍ଟ (ଟଙ୍କାରେ)
କର୍ପୋରେଟ୍ ଡେବ୍‌ଟରଙ୍କ ସମ୍ପତ୍ତି ଜେଏସ୍‌ଡବ୍ଲୁ ସିମେଣ୍ଟ ଲିମିଟେଡ୍, କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ ଏରିଆ, ଦାନଗଦି, ଯାଜପୁରରୋଡ, ଯାଜପୁର, ଓଡ଼ିଶା-୭୫୫୦୨୬ ("ନିଲାମ ସାଇଟ୍") ସମ୍ପତ୍ତି ଏବଂ ନିଲାମର ସର୍ତ୍ତାବଳି ସମ୍ପର୍କରେ ଅଧିକ ବିବରଣୀ ପାଇଁ ଦୟାକରି କର୍ପୋରେଟ୍ ଡେବଟରଙ୍କ ୱେବ୍‌ସାଇଟ୍ **http://petronengineering.com/liquidation-process/liquidation-process**ରେ ଉପଲବ୍ଧ ଥିବା ପ୍ରୋସେସ୍ ଡକ୍ୟୁମେଣ୍ଟ ଅନୁଧ୍ୟାନ କରନ୍ତୁ।	୧୦,୦୧,୪୫୨/-	୧,୦୦,୧୫୦/- ୨୬.୦୭.୨୦୨୨ରୁ ୦୧.୦୮.୨୦୨୨ପର୍ଯ୍ୟନ୍ତ	୧୦,୦୦୦/- କିମ୍ବା ଏହାଠାରୁ ଅଧିକ

ଦ୍ରଷ୍ଟବ୍ୟ :
୧) ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତି "ଯେଉଁଠାରେ ଅଛି", "ଯେପରି ଅଛି", "ଯେଉଁ ସ୍ଥିତିରେ ଅଛି" ଏବଂ "ଫେରସ୍ତଯୋଗ୍ୟ ନ ହେବା ସ୍ଥିତିରେ" ନିଲାମ ହେବ ।
୨) ନିଲାମ ସାଇଟ୍‌ରେ ଅବସ୍ଥିତ କେଏସଏସ୍ ପେଟ୍ରୋନ ପ୍ରାଇଭେଟ୍ ଲିମିଟେଡ୍‌ର ସମ୍ପତ୍ତି ସହିତ ମିଳିତ ଭାବେ ଥିବା (ଇନ ଲିକ୍ୟୁଡେସନ) ପେଟ୍ରୋନ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନର ଇ-ଅକ୍ସନ ଉଦ୍ଦେଶ୍ୟରେ ଏହି ପବ୍ଲିକ ନୋଟିସ୍ ଇସ୍ୟୁ କରାଯାଇଛି । ଆଶାୟୀ ନିଲାମଧାରୀମାନେ କେଏସଏସର ସମ୍ପତ୍ତି ସଂପର୍କିତ ତଥ୍ୟ ଏବଂ ପ୍ରକ୍ରିୟା ସଂପର୍କରେ ଏହି ପବ୍ଲିକ ନୋଟିସ୍‌ରୁ ଅନୁଧ୍ୟାନ କରିପାରିବେ । ଏହାର ପ୍ରୋସେସ ସ୍ପେସିଫିକ୍ ୱେବ୍‌ସାଇଟ୍ ଯଥା **https://ksspetron.in/liquidation.html**ରୁ ପାଇପାରିବେ ।
୩) ଅଧିକ ସୂଚନା ଏବଂ କ୍ଲାରିଫିକେଶନ ପାଇଁ ଆପଣ ଦୟାକରି ଲିକ୍ୟୁଡେଟରଙ୍କୁ ୦୧୧-୪୯୧୨୧୬୪୪-୪୫ରେ କିମ୍ବା ତାଙ୍କ ଟିମ୍ ସଦସ୍ୟ,ମିଷ୍ଟର ଡିଭିଶ୍ ଆହୁଜାଙ୍କୁ +୯୧ ୮୮୬୦୫୮୮୨୦୯ କିମ୍ବା ମିଷ୍ଟର ମନୀଷ ବ୍ୟାସ + ୯୧ ୯୬୬୭୦୯୦୧୩୫ରେ ଯୋଗାଯୋଗ କରିପାରିବେ ।

ପେଟ୍ରୋନ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ଲିମିଟେଡ୍ (ଇନ୍ ଲିକ୍ୟୁଡେସନ) ପାଇଁ
ସ୍ୱା/-
ସିଏସ୍ ଭିନୀତ କେ ଚୌଧୁରୀ
ଲିକ୍ୟୁଡେଟର
ପେଟ୍ରୋନ ଇଞ୍ଜିନିୟରିଂ କନଷ୍ଟ୍ରକ୍ସନ ଲିମିଟେଡ୍ ମାମଲାରେ
ଆଇବିବିଆଇ ପଞ୍ଜିକରଣ ନମ୍ବର : ଆଇବିବିଆଇ/ଆଇପିଏ-୦୦୨/ଆଇପି-ଏନ୍୦୦୧୦୩/ ୨୦୧୭-୧୮/୧୦୨୪୬
ଏଏଫଏ ୦୨.୧୨.୨୦୨୨ ପର୍ଯ୍ୟନ୍ତ ବୈଧ
liquidatorpecl@vkcindia.com (ପ୍ରୋସେସ୍ ସ୍ପେସିଫିକ)
ip.vineetchaudhary@gmail.com (ଆଇବିବିଆଇରେ ପଞ୍ଜିକୃତ)
ଆଇବିବିଆଇରେ ପଞ୍ଜିକୃତ ଲିକ୍ୟୁଡେଟରଙ୍କ ଠିକଣା :
ଡି-୩୮,ଏଲଜିଏଫ(ଏଲ/ଏସ୍),ସାଉଥ୍ ଏକ୍ସଟେନ୍‌ସନ, ପାର୍ଟ-୨,ନୂଆଦିଲ୍ଲୀ-୧୧୦୦୪୯
ତାରିଖ : ୨୬.୦୭. ୨୦୨୨
ସ୍ଥାନ : ନୂଆଦିଲ୍ଲୀ